

ଗାନ୍ଧୀ ବାଣୀ

Digitized by srujanika@gmail.com

ଗାନ୍ଧି ବାଣୀ

ଆଚାର୍ଯ୍ୟ ଭାବାନନ୍ଦ

ସଂଗ୍ରାହକ ଓ ଅନୁବାଦକ

ଆଚାର୍ଯ୍ୟ ହରିହର ଏଜୁକେସନ୍ ସୋସାଇଟି

ଭୁବନେଶ୍ୱର

Digitized by srujanika@gmail.com

॥ ଗାନ୍ଧି ବାଣୀ ॥

ଆଚାର୍ଯ୍ୟ ଭାବାନନ୍ଦ (ସଂଗ୍ରାହକ ଓ ଅନୁବାଦକ)

ପ୍ରଥମ ପ୍ରକାଶ : ୧୯୯୬
ଦ୍ୱିତୀୟ ପ୍ରକାଶ : ୨୦୦୭
ତୃତୀୟ ପ୍ରକାଶ : ୨୦୧୧

© : Acharya Harihar Education Society

ମୂଲ୍ୟ : ୧୦ ଟଙ୍କା ମାତ୍ର

Gandhi Bani - Aharya Bhabananda (Ed.)
Acharya Harihar Education Society, 2011
Type Set & Printed by : Duduly Process & Offset, Bhubaneswar-9

Digitized by srujanika@gmail.com

"ସର୍ବୋଦୟ ବହି" ବ୍ୟକ୍ତି ସ୍ୱାଧୀନତାରେ ଓ "ବ୍ୟକ୍ତିର ସମ୍ମାନ" ତତ୍ତ୍ୱରେ ବିଶ୍ୱାସ କରେ । ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଯେପରି ସେମାନଙ୍କର ଅନ୍ତର୍ନିହିତ ଶକ୍ତି ଓ ପ୍ରତିଭାର ବିକାଶ ଲାଭ କରିବାକୁ ସକ୍ଷମ ହେବେ, ସେହି ଉଦ୍ଦେଶ୍ୟରେ ଏହି ପୁସ୍ତକଟି "ପ୍ରଶିକ୍ଷଣର ଉପାଦାନ" ଭାବରେ ପ୍ରସ୍ତୁତ କରାଯାଉଛି । ଏହା ପାଠକ/ପାଠିକାଙ୍କର ହୃଦୟ ଓ ମସ୍ତିଷ୍କରେ ଆଲୋଡ଼ନ ସୃଷ୍ଟି କରିପାରିଲେ ଆମେ ଖୁସି ହେବୁ ।

ଜାନୁୟାରୀ ୨୦୧୧ ଆଚାର୍ଯ୍ୟ ଭାବାନନ୍ଦ

Digitized by srujanika@gmail.com

"ସର୍ବୋଦୟ" ଆଉ କେବଳ ଗାନ୍ଧିଙ୍କ ଦ୍ୱାରା ସୃଷ୍ଟ ଏକ ଶବ୍ଦ ବା ବିନୋବା/ଜୟପ୍ରକାଶଙ୍କ ଦ୍ୱାରା ଅନୁସୃତ "ଏକ ଆନ୍ଦୋଳନ" ନୁହେଁ । ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ଏପରିକି ପ୍ରଶିକ୍ଷଣ କ୍ଷେତ୍ରରେ ଏହି ବିଚାରଧାରା ଓ ରାଜନୈତିକ ଆଦର୍ଶବାଦକୁ ପ୍ରସାରିତ କରିବା ଆବଶ୍ୟକ ।

ଭାରତୀୟ ପ୍ରଜ୍ଞାର ପ୍ରବହମାନତାର ପ୍ରତିଶ୍ରୁତି ଭାବରେ "ସର୍ବଜନ ହିତାୟ" ବା "ସର୍ବେ ଭବନ୍ତୁ ସୁଖୀନଃ"ରୁ ଏବର ସର୍ବୋଦୟ ପାର୍ଟି ଓ ଟ୍ରଷ୍ଟ ଗଠନ ପର୍ଯ୍ୟନ୍ତ ହୋଇ ଆସିଥିବା ଅପ୍ରତିହତ ଉଦ୍ୟମକୁ ପ୍ରସାରିତ କରିବା ଆମର ଲକ୍ଷ୍ୟ । ବହି ଜରିଆରେ ପାଠକ/ପାଠିକାଙ୍କୁ "ଭାରତର ଆତ୍ମା" ସହିତ ପରିଚିତ କରାଇବା ପାଇଁ ଏହା ଏକ ଅନୌପଚାରିକ ଉଦ୍ୟମ ।

Digitized by srujanika@gmail.com

ସାତଟି ସାମାଜିକ ପାପ

ନୀତିହୀନ ରାଜନୀତି

ଚରିତ୍ର ବିହୀନ ଶିକ୍ଷା

ପରିଶ୍ରମ ବିହୀନ ଧନ ଉପାର୍ଜନ

ନୈତିକତା ହୀନ ବାଣିଜ୍ୟ ବ୍ୟବସାୟ

ବିବେକ ବିହୀନ ସୁଖ

ସମ୍ବେଦନ ବିହୀନ ବିଜ୍ଞାନ

ତ୍ୟାଗ ବିହୀନ ଉପାସନା । *(ୟଙ୍ଗ ଇଣ୍ଡିଆ-୧୯୨୫)*

ଗାନ୍ଧି ବାଣୀ

Digitized by srujanika@gmail.com

୨

ଧର୍ମ, ଗୋଷ୍ଠୀ, ଶ୍ରେଣୀ, ଜାତି ଭିତ୍ତିରେ
ବିଚାର ନ କରି ସମଗ୍ର ମାନବ
ଗୋଷ୍ଠୀର ସାମୂହିକ ବିକାଶ
ସାଧନ ହେଉଛି
ସର୍ବୋଦୟ ।

Digitized by srujanika@gmail.com

ସତ୍ୟାଗ୍ରହ ହେଉଛି ସତ୍ୟ ଅନୁସନ୍ଧାନର
ଏକ ଅବଦମିତ ପ୍ରଚେଷ୍ଟା ।
ସତ୍ୟକୁ ଖୋଜିବା ପାଇଁ
ଏକ ସଂକଳ୍ପ ଆବଶ୍ୟକ ।
ତାହା ହିଁ

ସତ୍ୟାଗ୍ରହ ।

Digitized by srujanika@gmail.com

୪

ଯେତେବେଳେ ଆମେ ନିଜକୁ ଶାସନ କରି ଶିଖିବା ସେତେବେଳେ ହିଁ ସ୍ୱରାଜ ପାଇବା । ଏହା ଆମ ହାତ ପାପୁଲିରେ ରହିଛି । ସ୍ୱରାଜକୁ ସ୍ୱପ୍ନବୋଲି ଭାବ ନାହିଁ । ତେଣୁ ଚୁପଚାପ ବସି ରହିବା ଆବଶ୍ୟକ ନୁହେଁ । ମୁଁ ଯେଉଁ ସ୍ୱରାଜର ଚିତ୍ର ଅଙ୍କନ କରିଛି, ତାହା ଥରେ ପାଇବା ପରେ, ଆମେ ଜୀବନର ଶେଷ ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ସେଥିପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ । କିନ୍ତୁ ପ୍ରତ୍ୟେକ ଲୋକଙ୍କୁ ସ୍ୱତଃ ସ୍ୱରାଜର ଅଭିଜ୍ଞତା ହାସଲ କରିବାକୁ ପଡ଼ିବ ।

ଗାନ୍ଧି ବାଣୀ

Digitized by srujanika@gmail.com

ଶ୍ରମ ହିଁ ପ୍ରକୃତ ପୁଞ୍ଜି ।

ଗାନ୍ଧି ବାଣୀ

Digitized by srujanika@gmail.com

୬

ଲୋକଙ୍କ ମନରୁ ଭୟ ଦୂର କରିବା
ହେଉଛି ସେମାନଙ୍କର ଜୀବନ ପାଇଁ
ପ୍ରକୃତ ଔଷଧ ।

Digitized by srujanika@gmail.com

ଅନ୍ନ ହିଁ ଦରିଦ୍ର
ଲୋକମାନଙ୍କର
ଭଗବାନ ।

Digitized by srujanika@gmail.com

୮

ନୀତି ନିର୍ଦ୍ଧାରଣରେ
ପରିବର୍ତ୍ତନ ଘଟିପାରେ,
କିନ୍ତୁ ନୈତିକତାରେ ନୁହେଁ ।

ଗାନ୍ଧି ବାଣୀ

Digitized by srujanika@gmail.com

୯

ମୋର ଘରର ଚାରିକଡ଼ରେ କାନ୍ଥ ସୃଷ୍ଟି କରି, ଝରକାଗୁଡ଼ିକ ବନ୍ଦ ରଖି ମୁଁ ବାସ କରିବାକୁ ଚାହେଁ ନାହିଁ । ବରଂ ମୁଁ ଚାହେଁ ଯେ ବିଭିନ୍ନ ସଂସ୍କୃତିର ପ୍ରବେଶ ପାଇଁ ମୋର ଘର ଉନ୍ମୁକ୍ତ ରହୁ । କିନ୍ତୁ ଏହା ମତେ ପଦଚ୍ୟୁତ ନ କରୁ । ମୁଁ ମଧ୍ୟ ଅନ୍ୟମାନଙ୍କ ଘରେ ଜଣେ ଅପ୍ରତ୍ୟାଶିତ ଅନୁପ୍ରବେଶକାରୀ ଭାବରେ ରହିବାକୁ ଚାହେଁ ନାହିଁ । କିମ୍ବା ସେଠାରେ ଜଣେ ଭିକ୍ଷୁକ ବା କ୍ରୀତଦାସ ଭାବରେ ମଧ୍ୟ ରହିବାକୁ ଚାହେଁ ନାହିଁ ।

ଗାନ୍ଧି ବାଣୀ

Digitized by srujanika@gmail.com

୧୦

ମୋର ଜୀବନ ହେଉଛି ମୋର ବାର୍ତ୍ତା ।

Digitized by srujanika@gmail.com

ସତ ହିଁ ଭଗବାନ୍ ଓ
ସତ୍ୟ ନିକଟରେ ପହଞ୍ଚିବାର
ମାର୍ଗ ହେଉଛି ଅହିଂସା ।

Digitized by srujanika@gmail.com

୧୨

ସତ୍ୟ ବଜ୍ରଠାରୁ କଠୋର ଓ
ପଦ୍ମପରି କୋମଳ ।

Digitized by srujanika@gmail.com

ପ୍ରାର୍ଥନା ହେଉଛି
ଧର୍ମର ପ୍ରାଣ ଓ
ପ୍ରବେଶ ଦ୍ୱାର ।

Digitized by srujanika@gmail.com

କାପୁରୁଷତା
ଦ୍ୱିତୀୟ ହିଂସା ।

Digitized by srujanika@gmail.com

ଦୋଷ ସ୍ୱୀକାର କରିପାରିଲେ
ନିଜକୁ ହାଲୁକା
ଅନୁଭବ କରିହୁଏ ।

Digitized by srujanika@gmail.com

୧୬

ଯେ କାହାରିକୁ ଈର୍ଷା କରେନାହିଁ
ସେ ହିଁ ଭକ୍ତ ।

ଗାନ୍ଧି ବାଣୀ

Digitized by srujanika@gmail.com

ଯେ କୌଣସି ଦିନ ଏକ ରକ୍ତାକ୍ତ ଓ ହିଂସାତ୍ମକ
ବିପ୍ଳବ ହେବା ଅବଶ୍ୟମ୍ଭାବୀ । ଧନୀ
ଲୋକମାନେ ଯେଉଁଳି ଅର୍ଥ ଓ କ୍ଷମତା
ଅପହରଣ କରି ଆସିଛନ୍ତି, ତାହା
ଜନସାଧାରଣଙ୍କର ଉନ୍ନତି କଳ୍ପେ ସ୍ୱେଚ୍ଛାକୃତ
ଭାବରେ ତ୍ୟାଗ ନ କଲେ ଏଉଳି ଅବଶ୍ୟମ୍ଭାବୀ
ବିପ୍ଳବକୁ କେହି ରୋକି ପାରିବେ ନାହିଁ ।

Digitized by srujanika@gmail.com

ଯେତେବେଳେ ମୁଁ ଗାଁ ଗୁଡ଼ିକରୁ
ଦାରିଦ୍ର୍ୟ ଦୂର କରିପାରିବି
କେବଳ ସେତିକିବେଳେ ହିଁ
ସ୍ୱରାଜ ପ୍ରତିଷ୍ଠା କରିପାରିବି ।

Digitized by srujanika@gmail.com

କେବଳ ସତ୍ୟ ଆଚରଣ ଫଳରେ ହିଁ
ସତ୍ୟ ନିକଟରେ ପହଞ୍ଚି ହେବ ।
ଶରୀର ଓ ମନରେ ଏପରି କାର୍ଯ୍ୟ
କର ନାହିଁ ଯାହା ଫଳରେ ଅସତ୍ୟ
ଓ ହିଂସା ସୃଷ୍ଟି କରି ବସିବ ।

ଗାନ୍ଧି ବାଣୀ

Digitized by srujanika@gmail.com

ମନ୍ଦ ଅନୁଷ୍ଠାନଗୁଡ଼ିକୁ
ପ୍ରତିରୋଧ କର
ଓ
ନିଜର ଭଲ ଅନୁଷ୍ଠାନଗୁଡ଼ିକୁ
ରକ୍ଷା କର ।

Digitized by srujanika@gmail.com

ଅହିଂସାର ଉପାସକ କସ୍ମିନ୍
କାଳେ କୌଣସି ଦେଣନେଣ
ତତ୍ତ୍ୱର ଅର୍ଥନୈତିକ ସୂତ୍ରକୁ ଗ୍ରହଣ
କରିପାରେ ନାହିଁ ।

Digitized by srujanika@gmail.com

୨୨

ଏ ପୃଥିବୀକୁ ମୋର କୌଣସି
ନୂଆ କଥା ଶିଖାଇବାକୁ ନାହିଁ ।
ସତ୍ୟ ଓ ଅହିଂସା ପାହାଡ଼ ପରି
ଅତି ପୁରୁଣା ।

Digitized by srujanika@gmail.com

ନାଗରିକମାନଙ୍କର ସକଳ ପ୍ରକାର
ତ୍ୟାଗ ଭାବର ସମାହାର ହେଉଛି
ଏକ ରାଷ୍ଟ୍ର ।
ଯେଉଁଠାରେ ଏହା ନାହିଁ,
ସେଠାରେ ରାଷ୍ଟ୍ରର ସତ୍ତା ବିପନ୍ନ ।

Digitized by srujanika@gmail.com

୨୪

ମୁଷ୍ଟିମେୟ କେତେଜଣ ସଂକଳ୍ପବଦ୍ଧ ସାଧକ ଯଦି ସେମାନଙ୍କର ଆଦର୍ଶରେ ବିଶ୍ୱାସ ରଖନ୍ତି, ତାହା ହେଲେ ସେମାନେ ଇତିହାସର ମୋଡ଼ ବଦଳାଇ ଦେଇପାରିବେ ।

ଗାନ୍ଧି ବାଣୀ

Digitized by srujanika@gmail.com

ଯେଉଁ ଶାସକ ଲୋକଙ୍କର ସେବକ ହୋଇ ପାରିଛି, ସେ ହିଁ କେବଳ ଲୋକଙ୍କୁ ଆଦେଶ ଦେବାର ଅଧିକାର ଅଛି ।

Digitized by srujanika@gmail.com

ସଶସ୍ତ୍ର ବାହିନୀ ଅପେକ୍ଷା
ନିରସ୍ତ୍ର ଅହିଂସାର କ୍ଷମତା
ଯେକୌଣସି ସମୟରେ
ଶକ୍ତିଶାଳୀ ।

Digitized by srujanika@gmail.com

ଅହିଂସା ମାଧ୍ୟମରେ ଆମେ
ପୁଞ୍ଜିପତିଙ୍କର କ୍ଷତି ସାଧନ
କରିବାକୁ ଚାହୁଁନାହୁଁ ।
ବରଂ ପୁଞ୍ଜିବାଦର କ୍ଷତିସାଧନ
କରିବାକୁ ଚାହୁଁ ।

Digitized by srujanika@gmail.com

୨୮

ମୁଁ ଚାହେଁ ଯେ ଧନୀମାନେ ସେମାନଙ୍କର ସମ୍ପତ୍ତିର ନ୍ୟାସୀ (Trustee) ହେବା ଉଚିତ । ଏହି ନ୍ୟାସ (Trust) ଦରିଦ୍ର ମାନଙ୍କର କାର୍ଯ୍ୟରେ ଲାଗିବା ଉଚିତ । କିମ୍ବା ଧନୀମାନେ ଦରିଦ୍ର ଲୋକଙ୍କର ସୁବିଧା ସୁଯୋଗ ପାଇଁ ସେମାନଙ୍କର ସମ୍ପତ୍ତି ଛାଡ଼ି ଦେବା ଉଚିତ ।

Digitized by srujanika@gmail.com

ଶ୍ରମିକ ଓ ପୁଞ୍ଜିପତିଙ୍କ ମଧ୍ୟରେ କୌଣସି
ସଂଘର୍ଷ ଉପୁଜିବା ଉଚିତ ବୋଲି ମୁଁ
ଭାବୁନାହିଁ । ପ୍ରତ୍ୟେକ ପ୍ରତ୍ୟେକ ଉପରେ
ନିର୍ଭରଶୀଳ । ଏହା ନିତାନ୍ତ ଜରୁରୀ ଯେ
ପୁଞ୍ଜିପତିମାନେ ଶ୍ରମିକମାନଙ୍କ ଉପରେ
ପ୍ରଭୁତ୍ୱ ଜାରି କରିବା ଉଚିତ ନୁହେଁ ।

Digitized by srujanika@gmail.com

୩୦

ସ୍ୱଦେଶୀ ହେଉଛି ଆମ ଭିତରେ ଥିବା
ଏପରି ଏକ ଭାବନା ଯାହା ଫଳରେ
ଦୂରରେ ଥିବା ଲୋକଙ୍କ ଅପେକ୍ଷା
ଆମ ଅତି ନିକଟରେ ଥିବା ଅଞ୍ଚଳର
ଲୋକଙ୍କର ସେବା କରିପାରିବା ଓ
ସେମାନଙ୍କର ଶକ୍ତିକୁ କାର୍ଯ୍ୟକାରୀ
କରିପାରିବା ହିଁ ମୁଖ୍ୟ କଥା ।

ଗାନ୍ଧି ବାଣୀ

Digitized by srujanika@gmail.com

ନିଜର ପରିବେଶ ଓ ପରିସ୍ଥିତିକୁ
ବିଚାରକୁ ନେଇ
'ସ୍ୱଧର୍ମ'ର ପ୍ରୟୋଗ ହେଉଛି
ସ୍ୱଦେଶୀ ।

Digitized by srujanika@gmail.com

୩୨

ନିର୍ଭୀକତା ଆଧ୍ୟାତ୍ମିକତାର
ପ୍ରଥମ ଉପାଦାନ ।
ଭୀରୁମାନେ କେବେହେଲେ
ନୀତିଶୀଳ ହୋଇ ନ ପାରନ୍ତି ।
ଯେଉଁଠାରେ ଭୟ ଥାଏ,
ସେଠାରେ ଧର୍ମ ରହି ନପାରେ ।

Digitized by srujanika@gmail.com

ଗୀତାର ପ୍ରଥମ ଶିକ୍ଷା ହେଉଛି ମୁକ୍ତ ଚିନ୍ତନ ।
ମୁଁ ଗୀତାରୁ ଏହି ଶିକ୍ଷା ଲାଭ କରିଛି । ମୁଁ
ଆହୁରି ମଧ୍ୟ ଶିକ୍ଷା ଲାଭ କରିଛି ଯେ ମନୁଷ୍ୟ
ହିଁ ତା'ର ନିଜର ଭାଗ୍ୟ ନିଜେ ତିଆରି
କରିପାରେ । ସେ କେଉଁ ମାର୍ଗ ଅନୁସରଣ
କରିବ ଓ ତା'ର ମୁକ୍ତ ଚିନ୍ତନକୁ କେଉଁ ମାର୍ଗରେ
ବ୍ୟବହାର କରି ତା'ର ଭାଗ୍ୟ ନିର୍ଦ୍ଧାରଣ କରିବ
ତାହା ସ୍ଥିର କରିବା ଆବଶ୍ୟକ ।

Digitized by srujanika@gmail.com

୩୪

ନିଜର ଅପୂର୍ଣ୍ଣତାକୁ
ବୁଝିପାରିବା ହିଁ ମହାନ
ହେବାର ପ୍ରବେଶ ପଥ ।

Digitized by srujanika@gmail.com

ବଳର ଅର୍ଥ ଯଦି ପଶୁବଳ ବୋଲି ବୁଝାଯାଏ ତେବେ ବାସ୍ତବିକ ପୁରୁଷ ଅପେକ୍ଷା ନାରୀ କମ୍ ପଶୁ । ଯଦି ବଳର ଅର୍ଥନୈତିକ ବଳ ହୁଏ, ତାହାହେଲେ ନାରୀ ପୁରୁଷଠାରୁ ଅମାପ ଗୁଣରେ ଅଧିକ ବଳବତୀ । ନାରୀର ସହଜ ଜ୍ଞାନ (Intution) ଅଧିକ ନୁହେଁ କି ? ସେ କ'ଣ ଅଧିକ ଆତ୍ମତ୍ୟାଗୀ ନୁହେଁ ? ତା'ର ସହିବା ଶକ୍ତି କ'ଣ ପୁରୁଷଠାରୁ ଅଧିକ ନାହିଁ ? ତା'ର ସାହସ କ'ଣ ପୁରୁଷଠାରୁ ଊଣା ? ସେ ନଥିଲେ ପୁରୁଷ ନଥାନ୍ତା । ଅହିଂସାକୁ ଯଦି ଆମ୍ଭମାନଙ୍କର ସତ୍ତାର ନିୟମ ବୋଲି ଆମେ ସ୍ୱୀକାର କରୁଁ ତାହାହେଲେ ଭବିଷ୍ୟତଟି ନାରୀମାନଙ୍କ ହାତରେ ରହିଛି ବୋଲି କହିବାକୁ ହେବ । ନାରୀ ବ୍ୟତୀତ ଅନ୍ୟ କିଏ ହୃଦୟକୁ ଏତେ ସଫଳ ଭାବରେ ସ୍ପର୍ଶ କରିପାରିବ ?

Digitized by srujanika@gmail.com

୩୬

ଯେ କୌଣସି ବର୍ଣ୍ଣର ଲୋକ ଅପର ବର୍ଣ୍ଣ ଉପରେ ନିଜର ବଡ଼ପଣିଆ ସାବ୍ୟସ୍ତ କରିବା ଆଇନର ଅବମାନନା ।
ବର୍ଣ୍ଣାଶ୍ରମ ଧର୍ମରେ ଏପରି କୌଣସି ବ୍ୟବସ୍ଥା ନାହିଁ ଯାହା ଅସ୍ପୃଶ୍ୟତା ଉପରେ ବିଶ୍ୱାସ କରିବାକୁ ବାଧ୍ୟ କରେ ।

Digitized by srujanika@gmail.com

ଭାଷା ସହଜରେ ଶିକ୍ଷା
କରାଯାଇପାରେ । କିନ୍ତୁ ହୃଦୟର
ଭାଷା କ'ଣ କେହି କାହାକୁ
ଶିଖାଇପାରେ ?
ପ୍ରକୃତ ଭଦ୍ରଜନ ସେହି ଭାଷା ଜାଣନ୍ତି
ଓ ସେ ହିଁ ଶିଖାଇ ପାରନ୍ତି ।

Digitized by srujanika@gmail.com

ମୋ ମତରେ ପ୍ରୌଢ଼ଶିକ୍ଷାର ଅର୍ଥ ହେଉଛି ପ୍ରୌଢ଼ମାନଙ୍କର ଯଥାର୍ଥ ରାଜନୈତିକ ଶିକ୍ଷା ଯାହା କେବଳ ମୁହେଁ ମୁହେଁ ସମ୍ଭବ ।

Digitized by srujanika@gmail.com

ମିଥ୍ୟାଜ୍ଞାନକୁ ଆମ୍ଭେମାନେ ଡରୁ ।
ଯାହା ଆମକୁ ସତ୍ୟଠାରୁ
ଦୂରରେ ରଖି ଅଲଗା କରିଦିଏ,
ତାହାହିଁ ମିଥ୍ୟା ।

ଗାନ୍ଧି ବାଣୀ

Digitized by srujanika@gmail.com

୪୦

ଶ୍ରଦ୍ଧା ଦ୍ୱାରା ମନୁଷ୍ୟ
ସବୁ କିଛି କରିପାରେ ।
ଆବଶ୍ୟକ ହେଲେ
ପର୍ବତକୁ ଲଂଘନ କରିପାରେ ।

Digitized by srujanika@gmail.com

ଯିଏ ପ୍ରକୃତରେ ଭିତରେ
ସ୍ୱଚ୍ଛ ଓ ନିର୍ମଳ,
ସେ ବାହାରେ ଅସ୍ୱଚ୍ଛ
ହୁଏ ନାହିଁ ।

Digitized by srujanika@gmail.com

୪୨

ମୀରାବାଈଙ୍କ ଠାରୁ ଆମେ
ଏତିକି ମାତ୍ର ଶିଖିଛୁ ଯେ
ସେ ଭଗବାନଙ୍କ ଦର୍ଶନ ପାଇଁ
ସବୁ କିଛି ଛାଡ଼ି ଦେଇଥିଲେ -
ଏପରିକି ନିଜ ସ୍ୱାମୀଙ୍କୁ ମଧ୍ୟ ।

Digitized by srujanika@gmail.com

ଏ କଥା ନିଶ୍ଚିତ ଯେ ଯଦି ମୁଁ ଆଜି ହିଂସାର ଆଶ୍ରୟ ନିଏ, ତେବେ ଭବିଷ୍ୟତରେ ମୋତେ ଅଧିକ ହିଂସା ଉପରେ ନିର୍ଭର କରିବାକୁ ପଡ଼ିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅହିଂସାକୁ ଜୀବନର ନିୟମ ମାନି ନେଲେ, ମତେ ଅନେକ ଗୁଡ଼ିଏ ସମାଧାନ ଉପରେ ଜୀବନ ବିତାଇବାକୁ ପଡ଼ିବ । କିନ୍ତୁ ସୀମାହୀନ ସଂଘର୍ଷ ଅପେକ୍ଷା ଏହା ନିଶ୍ଚିତ ଭାବରେ ଏକ ଉତ୍ତମ ମାର୍ଗ ।

Digitized by srujanika@gmail.com

୪୪

କେତେକ ଲୋକଙ୍କ ହାତରେ
ଧନର କେନ୍ଦ୍ରୀକରଣ ହେବା ମୁଁ
ଚାହେଁ ନାହିଁ - ସମସ୍ତଙ୍କ ହାତରେ
ଏହା ରହିବା ମୋର ଇଚ୍ଛା ।

Digitized by srujanika@gmail.com

ଆତ୍ମ ସଂଯମର ପ୍ରଥମ ପାଦ
ହେଉଛି ଚିନ୍ତାର ସଂଯମ ।

Digitized by srujanika@gmail.com

୪୬

କେବଳ ଦୁଃଖକଷ୍ଟ ହିଁ
ପ୍ରକୃତ ବୁଝାମଣାର
ରାସ୍ତା ଖୋଲି ଦେଇପାରେ ।

Digitized by srujanika@gmail.com

ଯେତେବେଳେ କେହି କୌଣସି
ଆଦର୍ଶ ପାଇଁ କାର୍ଯ୍ୟ କରେ,
ତା'କୁ କେହି ପ୍ରତିରୋଧ କରିବା
ସମ୍ଭବପର ହୋଇ ନଥାଏ ।

Digitized by srujanika@gmail.com

୪୮

ଜନ୍ମରୁ ଜଣେ ଯଦି ଗଣତନ୍ତ୍ର
ପ୍ରେମୀ ହୋଇଥାଏ ତେବେ ସେ
ମଧ୍ୟ ଶୃଙ୍ଖଳାପ୍ରେମୀ ହୋଇଥାଏ ।

Digitized by srujanika@gmail.com

ଯେଉଁମାନେ ପରସ୍ପର ମଧ୍ୟରେ
ଝଗଡ଼ା କରନ୍ତି, ସେମାନଙ୍କୁ
ଭଗବାନ ରକ୍ଷା କରନ୍ତି ନାହିଁ ।

Digitized by srujanika@gmail.com

୫୦

ଲୋକର ଗୁଣ ଉପରେ ହିଁ
ତା'ର ପ୍ରକୃତ ସୌନ୍ଦର୍ଯ୍ୟ
ନିର୍ଭର କରେ ।

Digitized by srujanika@gmail.com

ଯେଉଁ ସରକାର ଲୋକଙ୍କୁ
ଭୟଭୀତ କରି ରଖେ,
ସେଭଳି ସରକାର ତିଷ୍ଠି ରହିବାର
ଆବଶ୍ୟକତା ନାହିଁ ।

Digitized by srujanika@gmail.com

୫୨

ଅଧିକାରର ପ୍ରକୃତ
ମୌଳିକ ଉପାଦାନ
ହେଉଛି କର୍ତ୍ତବ୍ୟବୋଧ ।

ଗାନ୍ଧି ବାଣୀ

Digitized by srujanika@gmail.com

ଯେ କୌଣସି ଗୋପନୀୟତାକୁ
ମୁଁ ପାପ ବୋଲି ବିଚାର କରେ ।

Digitized by srujanika@gmail.com

୫୪

କେବଳ ସାହସୀ ଲୋକର
ଗୁଣ ହେଉଛି ଅହିଂସା ।

Digitized by srujanika@gmail.com

ପାପକୁ ଘୃଣା କର,
ପାପୀକୁ ନୁହେଁ ।

Digitized by srujanika@gmail.com

୫୬

ଯିଏ ନ୍ୟାୟ ଚାହୁଁଛି
ସେ ଅପର ପ୍ରତି
ନ୍ୟାୟବାନ ହେବା ଉଚିତ୍ ।

Digitized by srujanika@gmail.com

ଜୀବନରେ ଏପରି ସମୟ
ଆସେ ଯେତେବେଳେ
ମୌନତା ହିଁ ବିଜ୍ଞତା ।

Digitized by srujanika@gmail.com

୫୮

ସବୁ ଶବ୍ଦମାନଙ୍କ ମଧ୍ୟରୁ
"ସତ୍ୟ" ହିଁ ସବୁଠାରୁ
ଅଳ୍ପ ଖର୍ଚ୍ଚରେ
ହାସଲ କରାଯାଇପାରେ ।

Digitized by srujanika@gmail.com

ଜଣେ ଭଲ ମଣିଷର ଚିନ୍ତା
କେବେ ମଧ୍ୟ
ବୃଥା ହୁଏ ନାହିଁ ।

Digitized by srujanika@gmail.com

ସେବା ହିଁ ମୋର ଧର୍ମ ।

Digitized by srujanika@gmail.com